# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 1 September – 2025

*********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଜାରି ରହିଛି ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ
- ଭୁବନେଶ୍ୱର ସହରର ହେବ ନବକଳେବର; କହିଲେ ନଗର ଉନ୍ନୟନ ମନ୍ତ୍ରୀ
- ଶ୍ରୀମନ୍ଦିର ପରିସରରେ ଆଜିଠାରୁ କାର୍ଯ୍ୟକ୍ଷମ ହେଲା ସ୍ୱତନ୍ତ୍ର ସ୍ତନ୍ୟପାନ କକ୍ଷ

ଏବଂ

- 'ଉତ୍ତମ ଜୀବନ ପାଇଁ ଉପଯୁକ୍ତ ଖାଦ୍ୟ'ର ବାର୍ତ୍ତା ନେଇ ଆଜିଠାରୁ ପାଳନ କରାଯାଉଛି ଜାତୀୟ ପୁଷ୍ଟିକର ସପ୍ତାହ

BBSR/R

## ମୁଖ୍ୟମନ୍ତ୍ରୀ- ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଜାରି ରହିଛି। ବୈଠକରେ ଗୃହ ସଚିବ, ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟ ଶାସନ ସଚିବ, କ୍ରାଇମବ୍ରାଞ୍ଚ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

BBSR/R

## ମୁଖ୍ୟମନ୍ତ୍ରୀ- ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ଚାରିଦିନିଆ ଦିଲ୍ଲୀ ଗସ୍ତରେ ଯିବେ। ଗସ୍ତ ସମୟରେ ଶ୍ରୀ ମାଝୀ ଦିଲ୍ଲୀରେ ଆସନ୍ତାକାଲି ହେବାକୁ ଥିବା ସେମିକନ୍ ସମ୍ମିଳନୀରେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।  ଏହି ସମୟରେ ମୁଖ୍ୟମନ୍ତ୍ରୀ' କେନ୍ଦ୍ରମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

Desk

## ନୂତନ ଭୁବନେଶ୍ୱର

ଭୁବନେଶ୍ୱରର ବିକାଶ ଓ ନୂତନ ରୂପରେଖ ଦେବା ପାଇଁ ଗୁଜୁରାଟର ଧୋଲେରା ସହର ଢାଞ୍ଚାରେ ନୂଆ ଭୁବନେଶ୍ୱର ସହର ନିର୍ମାଣ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ନୂଆ ଭୁବନେଶ୍ୱର ୮୦୦ ଏକର ପରିମିତ ସ୍ଥାନରେ ମଳିପଡ଼ା, ଦାସପୁର,

ଅନ୍ଧାରୁଆ, ଗୋଠପାଟଣା ଆଦି ଅଞ୍ଚଳକୁ ନେଇ ନିର୍ମାଣ କରାଯିବ। ସିଙ୍ଗାପୁର ସରକାର ନୂଆ ସହର ନିର୍ମାଣ ପାଇଁ ଡ୍ରଇଂ ଏବଂ ଡିଜାଇନ୍ ପ୍ରସ୍ତୁତ ଦାୟିତ୍ୱ ନେଇଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ନିର୍ମାଣ ହେବାକୁ ଥିବା ନୂଆ ସହରରେ ଆଇ.ଟି ପାର୍କ, ମେଡିକାଲ ସୁବିଧା, ଲୋକଙ୍କ ପାଇଁ ଘର, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଖୋଲାସ୍ଥାନ ରହିବ। ନୂଆ ସହର ମଧ୍ୟରେ ଶିଳ୍ପ ସଂସ୍ଥାକୁ ମଧ୍ୟ ଗୁରୁତ୍ୱ ଦିଆଯିବ ନଗର ଉନ୍ନମନ୍ତ୍ରୀ ମନ୍ତ୍ରୀ କହିଛନ୍ତି।

**- V/O –**

Desk

## କ୍ୱାଡ଼ ସହରାଞ୍ଚଳ କାର୍ଯ୍ୟକ୍ରମ

ରାଜ୍ୟରେ କ୍ୱାଡ଼ ସହରାଞ୍ଚଳ କାର୍ଯ୍ୟକ୍ରମ ଜରିଆରେ ତିନୋଟି ଅର୍ଥନୈତିକ ଜୋନ୍ କରାଯିବ ବୋଲି ପରିବହନ ସଚିବ ଉଷା ପାଢ଼ୀ କହିଛନ୍ତି। ଭୁବନେଶ୍ୱର–ପୁରୀ–କଟକ–ପାରାଦ୍ୱୀପକୁ ମିଶାଇ ପ୍ରଥମ ଜୋନ୍, ସୁନାବେଡ଼ା-କୋରାପୁଟ-ବରଗଡ଼–ସମ୍ବଲପୁରକୁ ନେଇ ଦ୍ୱିତୀୟ ଜୋନ୍ ଏବଂ ରାଉରକେଲା–କେନ୍ଦୁଝର–ବଡ଼ବିଲକୁ ନେଇ ତୃତୀୟ ଜୋନ୍ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ରାଜ୍ୟର ଜିଡିପିରେ ପ୍ରମୁଖ ଦାୟିତ୍ୱ ନେଇଥିବା ସହରମାନଙ୍କୁ ନେଇ ଏହି ଜୋନ୍ ନିର୍ମାଣ କରାଯିବ ବୋଲି ଶ୍ରୀମତୀ ପାଢ଼ି କହିଛନ୍ତି।

**- V/O –**

HS

## ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସେବା ପକ୍ଷ ପାଳନ ନେଇ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଉପଲକ୍ଷେ ଆସନ୍ତା ୧୭ ତାରିଖରୁ ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ଦଳ ପକ୍ଷରୁ ସେବାପକ୍ଷ ପାଳନ କରାଯିବ। ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦଳ ପକ୍ଷରୁ ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଶିବିର, ପ୍ରଧାନମନ୍ତ୍ରୀଙ୍କ ଜୀବନ ଆଧାରିତ ଫଟୋ ପ୍ରଦର୍ଶନୀ ଏବଂ ପୁସ୍ତକ ବଣ୍ଟନ ଭଳି କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡ଼ିଛି।

News Pool

## ଜିଡିପି ଅଭିବୃଦ୍ଧି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତୀୟ ଅର୍ଥନୀତିକୁ ଦକ୍ଷତାର ସହ ପରିଚାଳନା କରୁଛନ୍ତି ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି। ତ୍ରୈମାସିକ ଜିଡିପି ଅଭିବୃଦ୍ଧି ୭ ଦଶମିକ ୮ ପ୍ରତିଶତ ଏହାକୁ ପ୍ରମାଣିତ କରିଛି। ନୂଆଦିଲ୍ଲୀରେ ସାମ୍ବାଦିକଙ୍କ ସହ ଆଲୋଚନା ବେଳେ ଶ୍ରୀ ରିଜିଜୁ କହିଛନ୍ତି, ବିଶ୍ୱର ଶ୍ରେଷ୍ଠ ଅର୍ଥନୀତିଜ୍ଞମାନେ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୀତି ପରିଚାଳନାକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଦେଶକୁ ଆତ୍ମନିର୍ଭର କ୍ଷେତ୍ରରେ ଅଧିକ ସୁଦୃଢ଼ କରିବା ପାଇଁ 'ମେକ୍ ଇନ୍ ଇଣ୍ଡିଆ'

ଅଭିଯାନକୁ ପ୍ରୋତ୍ସାହନ ପ୍ରଦାନ ଏବଂ ସ୍ୱଦେଶୀ ଉତ୍ପାଦ ଗ୍ରହଣ ଉପରେ ମନ୍ତ୍ରୀ ଶ୍ରୀ ରିଜିଜୁ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

Puri

## ସ୍ତନ୍ୟପାନ କକ୍ଷ

ପୁରୀ ଶ୍ରୀମନ୍ଦିର ପରିସରରେ ଆଜିଠାରୁ ସ୍ୱତନ୍ତ୍ର ସ୍ତନ୍ୟପାନ କକ୍ଷ କାର୍ଯ୍ୟକ୍ଷମ ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଏହି ସୂଚନା ପ୍ରଦାନ କରି କହିଛନ୍ତି, ସ୍ତନ୍ୟପାନ ଉପରେ ନିର୍ଭରଶୀଳ ଶିଶୁଙ୍କୁ ସାଙ୍ଗରେ ନେଇ ଆସୁଥିବା ମହିଳା ଭକ୍ତଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

Desk

# ଆଦିବାଣୀ ଆପ୍

କୃତ୍ରିମ ବୁଦ୍ଧିମତା ଆଧାରିତ 'ଆଦିବାଣୀ ଆପ୍' ଆଜିଠାରୁ ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ କରାଯାଇଛି । ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଦିବାସୀ ଭାଷାର ଅନୁବାଦକ ଭାବେ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇଛି ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

ଆଦି କର୍ମଯୋଗୀ ଅଭିଯାନର ଏକ ଅଂଶବିଶେଷ ଭାବେ 'ଆଦିବାଣୀ ଆପ୍'କୁ କାର୍ଯ୍ୟକାରୀ କରାଯାଉଛି । ଏହି ଆପ୍ ମାଧ୍ୟମରେ ୬ଟି ଆଦିବାସୀ ଭାଷାକୁ ହିନ୍ଦୀ କିମ୍ବା ଇଂରାଜୀରେ ଅନୁବାଦ କରାଯାଇପାରିବ । ସେହି

ଭାଷାଗୁଡ଼ିକ ହେଉଛି ଭିଲ୍ଲୀ, ମୁଣ୍ଡାରି, ଗୋଣ୍ଡି, ସାନ୍ତାଳି, କୁଇ ଏବଂ ଗାରୋ। ପ୍ରତ୍ୟେକ ଭାଷା ଆଧାରରେ ବିଶେଷଜ୍ଞଙ୍କ ସହାୟତାରେ ଡାଟାବେସ୍ ପ୍ରସ୍ତୁତ କରାଯାଇଛି। ଏଥିରେ ୬ଟି ଭାଷାର ୧ ଲକ୍ଷ ଲେଖାଏଁ ବାକ୍ୟକୁ ସ୍ଥାନିତ କରାଯାଇଛି। ଆଦିବାସୀ ଗବେଷଣା ପ୍ରତିଷ୍ଠାନ, ଆଇ.ଆଇ.ଟି. ଦିଲ୍ଲୀ, ବିଟ୍ସ ପିଲାନୀ, ହାଇଦ୍ରାବାଦ ଓ ନୁ୍ୟ ରାୟପୁରସ୍ଥିତ ତ୍ରିପଲ ଆଇ.ଟି.ର ବିଶେଷଜ୍ଞଙ୍କ ସହାୟତାରେ ଏହି ଆପ୍‌କୁ ପ୍ରସ୍ତୁତ କରାଯାଇଛି। ଆପ୍‌ରେ ବ୍ୟବହୃତ ୬ଟି ଭାଷା ମଧ୍ୟରୁ ଭିଲ୍ଲୀ ସବୁଠାରୁ ଅଧିକ ବ୍ୟବହୃତ ଆଦିବାସୀ ଭାଷା ଭାବେ ଜଣାପଡ଼ିଛି। ରାଜ୍ୟର ଆଦିବାସୀ ସମ୍ପ୍ରଦାୟକଙ୍କ ମଧ୍ୟରେ ସାନ୍ତାଳୀ, କୁଇ ଏବଂ ମୁଣ୍ଡାରି ଭାଷାକୁ ଅଧିକ ବ୍ୟବହାର କରାଯାଇଥାଏ। ଆପ୍‌ର କାର୍ଯ୍ୟକାରିତା ସମ୍ପର୍କରେ ପ୍ରତିକ୍ରିୟା ପ୍ରଦାନ କରିବାର ମଧ୍ୟ ବ୍ୟବସ୍ଥା ଏଥିରେ ରହିଛି।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Desk

# ଜାତୀୟ ପୁଷ୍ଟିକର ସପ୍ତାହ

ଜାତୀୟ ପୁଷ୍ଟିକର ସପ୍ତାହ ଆଜିଠାରୁ ଆରମ୍ଭ ହୋଇଛି । ସୁସ୍ଥ ଜୀବନଶୈଳୀ ପାଇଁ ଉତ୍ତମ ଖାଦ୍ୟ ଅଭ୍ୟାସ ସମ୍ପର୍କରେ ଜନସଚେତନତା ବୃଦ୍ଧି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଆସନ୍ତା ରବିବାର ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଅଭିଯାନରେ ବିଭିନ୍ନ କାର୍ଯ୍ୟକ୍ରମ

ଆୟୋଜନର ଲକ୍ଷ୍ୟ ରଖାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି 'ଉତ୍ତମ ଜୀବନ ପାଇଁ ଉପଯୁକ୍ତ ଖାଦ୍ୟ' । ଉତ୍ତମ ସ୍ୱାସ୍ଥ୍ୟ ଏବଂ ନିରାମୟ ଜୀବନ ପାଇଁ ସନ୍ତୁଳିତ ଖାଦ୍ୟକୁ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି ।

HS

## ଫୁଟବଲ ପଡ଼ିଆ

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି କଳିଙ୍ଗ ବିହାର କେ-୯ବି'ରେ ନବନିର୍ମିତ ଏକ ଫୁଲବଲ ପଡ଼ିଆକୁ ଆଜି ଉଦ୍‌ଘାଟନ କରିଛନ୍ତି। ପଡ଼ିଆ ୫ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମାଣ ହୋଇଛି।  ଆସନ୍ତା ମାସେ ଭିତରେ ଏହିପରି ୨୦ଟି ଖେଳପଡ଼ିଆ ଉଦ୍‌ଘାଟନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

BHK

## ଶିକ୍ଷକ ସମ୍ମିଳନୀ

ଭଦ୍ରକ ଓଷ୍ଟା କାର୍ଯ୍ୟାଳୟଠାରେ ଓଡ଼ିଶା ବିଦ୍ୟାଳୟ ଓ ମହାବିଦ୍ୟାଳୟ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ତଥା ସମିତିର ଜିଲ୍ଲା ଶାଖା ସଭାପତି ଶଶିଶେଖର କର ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ କାର୍ଯ୍ୟକ୍ଷେତ୍ରରେ ଶିକ୍ଷକ କର୍ମଚାରୀ ସମ୍ମୁଖୀନ ହେଉଥିବା ଅହ୍ୱାନଗୁଡ଼ିକର ମୁକାବିଲା ଉପରେ ବିସ୍ତୃତ ମତବିନିମୟ ହୋଇଛି।

Sambalpur

## ପ୍ରତିବିଧାନ ପୀଠ

ପଶ୍ଚିମ ଓଡ଼ିଶାର ବିଦ୍ୟୁତ ବିତରଣ କମ୍ପାନୀ ଟି.ପି.ଡବ୍ଲ୍ୟୁ.ଓ.ଡି.ଏଲ୍ ପକ୍ଷରୁ ଚଳିତ ମାସରୁ ଉପଭୋକ୍ତାଙ୍କ ବିଦ୍ୟୁତ ବିଲ୍ ସମ୍ପର୍କିତ ବିଭିନ୍ନ ସମସ୍ୟାର ସଂଶୋଧନ ଲାଗି  ଏକ ବିଶେଷ ଅଭିଯୋଗ ପ୍ରତିବିଧାନ ପୀଠର ଆୟୋଜନ କରାଯାଉଛି। ସମ୍ବଲପୁର, ଝାରସୁଗୁଡ଼ା ଏବଂ ଦେବଗଡ଼ ଜିଲ୍ଲାସ୍ଥିତ ଟିପିଡବ୍ଲ୍ୟୁଡିଏଲ୍'ର ବିଭିନ୍ନ ସେକସନ୍ ଏବଂ ସବ୍‌ଡିଭିଜନ କାର୍ଯ୍ୟାଳୟଗୁଡ଼ିକରେ ଏହି ପୀଠ ଅନୁଷ୍ଠିତ ହେବ। ଆସନ୍ତା ବୁଧବାର ଦିନ କୁଚିଣ୍ଡାସ୍ଥିତ ସବ୍‌ଡିଭିଜନ ଅଫିସଠାରେ ଏହି ଅଭିଯୋଗ ପ୍ରତିବିଧାନ ପୀଠ କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

Nabarangpur

## ସ୍ୱଚ୍ଛତା ଅଭିଯାନ

ଲଗାଣ ବର୍ଷା ଜନିତ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲାର ପାପାଡ଼ାହାଣ୍ଡି ବ୍ଲକରେ ସ୍ୱତନ୍ତ୍ର ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି। ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି ସତ୍‌ନାମୀ ସାହି ରାସ୍ତା, ଭୈରବ ଛକ ଆଦି ଅଞ୍ଚଳରେ ସଫେଇ କାର୍ଯ୍ୟ ଚାଲିଛି। ପ୍ଲାଷ୍ଟିକ ଏବଂ ପଲିଥିନ୍ ବ୍ୟବହାର ନ କରିବା ଲାଗି ବ୍ୟବସାୟୀଙ୍କୁ ସଚେତନ କରାଯିବା ସହ ବ୍ୟବହୃତ ସାମଗ୍ରୀକୁ ଏଣେତେଣେ ନ ଫିଙ୍ଗି ଡଷ୍ଟବିନ୍ ବ୍ୟବହାର କରିବା ଲାଗି ପରାମର୍ଶ ଦିଆଯାଇଛି। ପର୍ଯ୍ୟାୟକ୍ରମେ ବ୍ଲକର ଅନ୍ୟାନ୍ୟ

ଅଞ୍ଚଳରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକାରୀ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସୂଚନା ଦେଇଛି ।

Desk

# ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ହ୍ରାସ

୧୯ କିଲୋଗ୍ରାମ ବ୍ୟବସାୟିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ମୂଲ୍ୟ ୫୧ଟଙ୍କା ୫୦ ପଇସା ହ୍ରାସ ପାଇଛି । ତୈଳ ବିତରଣ କମ୍ପାନୀଗୁଡ଼ିକ ପକ୍ଷରୁ ଏହି ମୂଲ୍ୟ ହ୍ରାସ ଆଜିଠାରୁ ଲାଗୁ କରାଯାଇଛି । ତୈଳ କମ୍ପାନୀଗୁଡ଼ିକର ଗତମାସରେ ଅନୁଷ୍ଠିତ ସମୀକ୍ଷା ବୈଠକ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡିଛି ।

Desk

# ପାଣିପାଗ

ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଓ ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର  ସୃଷ୍ଟି ହୋଇଛି । ଆସନ୍ତାକାଲି ସୁଦ୍ଧା ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାକୁ  ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ମତ୍ସ୍ୟଜୀବୀଙ୍କୁ

ଆସନ୍ତାକାଲିଠାରୁ ୪ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି ।

***********************************